# 6th India-Indonesia Foreign Office Consultations

June 25, 2021

## ଭାରତ-ଇଣ୍ଡୋନେସିଆ ମଧ୍ୟରେ ଷଷ୍ଠ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଜୁନ 25, 2021**

1. ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) ର ଷଷ୍ଠ ପର୍ଯ୍ୟାୟ 25 ଜୁନ 2021ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଯାଇଛି। ସଚିବ (ପୂର୍ବ) ଶ୍ରୀମତୀ ରିଭା ଗାଙ୍ଗୁଲି ଦାସ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ଇଣ୍ଡୋନେସିଆ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ଥ ଏସିଆ ପ୍ରଶାନ୍ତ ମହାସାଗରୀୟ ଓ ଆଫ୍ରିକା ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ଅବଦୁଲ କାଦିର ଜୈଲାନୀ ନେତୃତ୍ୱ ନେଇଥିଲେ। ପଞ୍ଚମ ପର୍ଯ୍ୟାୟ ବିଚାର ବିମର୍ଷ 22 ଜାନୁଆରୀ 2019ରେ ଇଣ୍ଡୋନେସିଆର ଯୋଗାକର୍ତାଠାରେ ଅନୁଷ୍ଠିତ ହୋଇଥିଲା।

2. ଏହି ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ବିସ୍ତୃତ ରଣନୀତିକ ଭାଗିଦାରୀ ଢାଞ୍ଚା ଅନ୍ତର୍ଗତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗର ସମୀକ୍ଷା କରିଥିଲେ। ରାଜନୈତିକ, ପ୍ରତିରକ୍ଷା, ସୁରକ୍ଷା ଓ ରଣନୀତିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଲୋକମାନଙ୍କ ମଧ୍ୟରେ ଯୋଗାଯୋଗକୁ ଆହୁରି ପ୍ରୋତ୍ସାହିତ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସେମାନଙ୍କର ସାମୁଦ୍ରିକ ସହଯୋଗର ସହଭାଗୀ ଲକ୍ଷ୍ୟକୁ ସୁଦୃଢ କରିବା ପାଇଁ ସେମାନେ ମଧ୍ୟ ମତ ବିନିମୟ କରିଥିଲେ।

3. ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତୀୟ ପ୍ରସଙ୍ଗରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଏଥିରେ ଆସିଆନ ଓ ଭାରତ, ଭାରତ-ପ୍ରଶାନ୍ତ ମହାସାଗରୀୟ ପ୍ରୟାସ (ଆଇପିଓଆଇ), ବହୁପକ୍ଷୀୟ ସହଯୋଗ, ଆନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ) ଏବଂ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ମେଣ୍ଟ (ସିଡିଆରଆଇ) ମଧ୍ୟରେ ସହଯୋଗକୁ ମଜବୁତ କରିବା ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା।

4. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ବାତାବରଣରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସୁବିଧାଜନକ ତାରିଖରେ ପରବର୍ତ୍ତୀ ବିଚାର ବିମର୍ଷ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଜୁନ 25, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.